# 'ଗୁରୁପ୍ରସାଦ ନବ୍ୟ-ଆଧୁନିକତାର ପ୍ରବର୍ତ୍ତକ'

ଭୁବନେଶ୍ୱର, ୨୮।୧୧(ନି.ପ୍ର): କେନ୍ଦ୍ର ସାହିତ୍ୟ ଅକାଦେମି ପକ୍ଷରୁ ଦ୍ୱିଦିବସୀୟ ଗୁରୁପ୍ରସାଦ ମହାନ୍ତି ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର ବୁଦ୍ଧମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କବି ରାଜେନ୍ଦ୍ର କିଶୋର ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଅକାଦେମିର ସଚିବ ଡ.କେ. ଶ୍ରୀନିବାସ ରାଓ। ଶ୍ରୀ ପଣ୍ଡା ଉଦ୍‌ଘାଟନୀ ଅଭିଭାଷଣରେ ଗୁରୁପ୍ରସାଦ ମହାନ୍ତି ଓଡ଼ିଆ କବିତାରେ ନବ୍ୟ-ଆଧୁନିକତାର ପ୍ରବର୍ତ୍ତକ ବୋଲି କହିଥିଲେ। ପ୍ରଥମ ଅଧିବେଶନରେ ସଭାପତିତ୍ୱ କରିଥିଲେ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଗୌରହରି ଦାସ। ଅତିଥି ଭାବେ ଶ୍ରୀ ମହାନ୍ତିଙ୍କ କନ୍ୟା ଡା. ପ୍ରିୟଦର୍ଶିନୀ ମହାନ୍ତି ଓ କବି ତଥା ସମାଲୋଚକ ଭଗବାନ ଜୟସିଂହ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପରବର୍ତ୍ତୀ ଅଧିବେଶନରେ କବି ଭାଗୀରଥି ମିଶ୍ର ପ୍ରବନ୍ଧ ଉପସ୍ଥାପନ କରିଥିଲେ। ପ୍ରଫେସର ଚିତ୍ତରଞ୍ଜନ ମିଶ୍ରଙ୍କ ପ୍ରବନ୍ଧର ବିଷୟ ଥିଲା 'ଗୁରୁପ୍ରସାଦଙ୍କ କବିତାରେ ପ୍ରକୃତି ଓ ନାଗରିକତା'। ଡ. ସଂଘମିତ୍ରା ଭାଞ୍ଜ ପ୍ରବନ୍ଧ ପାଠ କରିଥିଲେ।